# ଅଧ୍ୟାୟ 1

## ଅବଲୋକନ

# ଅଧ୍ୟାୟ 1

# ଅବଲୋକନ

## 1.1 ଉପକ୍ରମ

ଏହି ପ୍ରତିବେଦନରେ ରାଜ୍ୟ ସରକାରଙ୍କ କେତେକ ବିଭାଗ ଓ ସେମାନଙ୍କ ସ୍ୱୟଂଶାସିତ ସଂସ୍ଥାର ସମୀକ୍ଷା ଯୋଗୁଁ ଉପୁଜିଥିବା ମାମଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ପ୍ରତିବେଦନର ମୂଳ ଉଦ୍ଦେଶ୍ୟ ହେଉଛି ସମୀକ୍ଷା ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଗୁଡ଼ିକ ପ୍ରତି ବିଧାନସଭାର ଦୃଷ୍ଟି ଆକର୍ଷଣ କରିବା । ସମୀକ୍ଷାର ଫଳାଫଳ କାର୍ଯ୍ୟନିର୍ବାହୀଙ୍କୁ ସଂଶୋଧନମୂଳକ ପଦକ୍ଷେପ ନେବାରେ ସକ୍ଷମ କରିବା ସହିତ ସଂଗଠନଗୁଡ଼ିକର ଆର୍ଥିକ ପରିଚାଳନାରେ ଉନ୍ନତି ଆଣିବା, ଉନ୍ନତ ଶାସନରେ ଯୋଗଦାନ କରୁଥିବା ନୀତି ଏବଂ ନିର୍ଦ୍ଦେଶନାମା ପ୍ରସ୍ତୁତ କରିବାରେ ସକ୍ଷମ କରିବ ବୋଲି ଆଶା କରାଯାଉଛି ।

ଏହି ରିପୋର୍ଟରେ ନିମ୍ନଲିଖିତ ଦୁଇଟି ଅଧ୍ୟାୟ ରହିଛି:

- **ଅଧ୍ୟାୟ 1** ଅଧିନରେ ସମୀକ୍ଷା ପରିସରଭୁକ୍ତ ବିଭାଗଗୁଡ଼ିକର ତଥ୍ୟ ସହିତ ବିଗତ ପାଞ୍ଚ ବର୍ଷର ଖର୍ଚ୍ଚର ସଂକ୍ଷିପ୍ତ ବିବରଣୀ, ସମୀକ୍ଷା ପ୍ରାଧିକାର, ସମୀକ୍ଷାର ଯୋଜନା ଓ ସଞ୍ଚାଳନ, ବିବିଧ ସମୀକ୍ଷା ଉତ୍ପାଦ ଯଥା ନୀରିକ୍ଷଣ ରିପୋର୍ଟ, ଅନୁପାଳନ ଅନୁଚ୍ଛେଦ ଇତ୍ୟାଦି ଉପରେ ସରକାରଙ୍କ ପ୍ରତିକ୍ରିୟା ଓ ପ୍ରତିବେଦନ ଉପରେ ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି ।
- **ଅଧ୍ୟାୟ 2** ଏହି ପ୍ରତିବେଦନର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା ଏବଂ ଇନପୁଟ୍ ସାମଗ୍ରୀ କ୍ରୟ ଏବଂ ରାଜ୍ୟର ସହରାଞ୍ଚଳରେ ଜଳ ଯୋଗାଣ ବୃଦ୍ଧି (ଅମୃତ ଓ ବସୁଧା) ସଂପର୍କିତ ଅନୁପାଳନ ସମୀକ୍ଷା ସହିତ ଅନ୍ୟ 12 ଟି ଅଡିଟ୍ ପର୍ଯ୍ୟବେକ୍ଷଣ ରହିଛି ।

### 1.1.1 ଅଡିଟ୍ ପରିସର ଏବଂ ଅଡିଟ୍ ପରିସରଭୁକ୍ତ ବିଭାଗ ଗୁଡ଼ିକରେ ପାଶ୍ୱଚିତ୍ର

ରାଜ୍ୟର ବଜେଟ୍ ଦସ୍ତାବିଜ ଅନୁଯାୟୀ, ଓଡିଶା ସରକାର ବିଭିନ୍ନ ବିଭାଗ ସହ ଜଡିତ 44 ଟି ଅନୁଦାନ ପ୍ରଦାନ କରିଥାନ୍ତି । ପ୍ରଧାନ ମହାଲେଖାକାର (ଅଡିଟ୍-1), ଓଡ଼ିଶାଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଅଡିଟ୍ ପରିସରରେ 21 ଟି ବିଭାଗର 24 ଟି ଅନୁଦାନ ସମ୍ବନ୍ଧୀୟ 11,768 ଟି ୟୁନିଟ୍ ରହିଛି । କାର୍ଯ୍ୟାଳୟର ଅଡିଟ୍ ପରିସରରେ 126 ଟି ସଂସ୍ଥା/ କର୍ତ୍ତୃପକ୍ଷ ମଧ ଅନ୍ତର୍ଭୁକ୍ତ ଅଛନ୍ତି, ଯେଉଁମାନେ ରାଜ୍ୟର ସଂଗଠିତ ପାଣ୍ଠିରୁ ଯଥେଷ୍ଟ ଅର୍ଥ ପ୍ରାପ୍ତି କରୁଛନ୍ତି କିମ୍ବା ଯାହାର ସମୀକ୍ଷା, ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ଡିପିସି (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଆଇନ୍, 1971 ର ବିଭିନ୍ନ ଧାରା ଅଧିନରେ, ସରକାର ପ୍ରଦାନ କରିଛନ୍ତି । ପ୍ରଧାନ ମହାଲେଖାକାର (ଅଡିଟ୍-1), ଓଡ଼ିଶାଙ୍କ ସମୀକ୍ଷା ପରିସରଭୁକ୍ତ ଥିବା ବିଭାଗ ଓ ସ୍ୱୟଂଶାସିତ ସଂସ୍ଥା/ କର୍ତ୍ତୃପକ୍ଷ/ ନିଗମର ତାଲିକା ***ପରିଶିଷ୍ଟ 1.1 ରେ*** ଦର୍ଶାଯାଇଛି ।

2018-19 ରୁ 2022-23 ଆର୍ଥିକ ବର୍ଷ ମଧରେ ପ୍ରଧାନ ମହାଲେଖାକାର (ଅଡିଟ୍-1), ଓଡ଼ିଶାର, ସମୀକ୍ଷା ପରିସର ଅଧିନରେ ଥିବା ପ୍ରମୁଖ ବିଭାଗ ଗୁଡ଼ିକରେ ଖର୍ଚ୍ଚର ଧାରା **ସାରଣୀ 1.1** ରେ ଦର୍ଶାଯାଇଛି ।

***ସାରଣୀ 1.1: ପ୍ରମୁଖ ବିଭାଗଗୁଡ଼ିକର ଖର୍ଚ୍ଚର ଧାରା***

*(ଟଙ୍କା କୋଟିରେ)*

| କ୍ର. ସଂ. | ବିଭାଗର ନାମ | 2018-19 | 2019-20 | 2020-21 | 2021-22 | 2022-23 |
|---|---|---|---|---|---|---|
| 1 | ଅର୍ଥ | 12,351.26 | 16,438.34 | 16,260.98 | 18,994.58 | 36,270.08 |
| 2 | ବିଦ୍ୟାଳୟ ଓ ଗଣଶିକ୍ଷା | 14,161.88 | 15,292.46 | 15,123.72 | 16,460.99 | 20,495.46 |
| 3 | ପଞ୍ଚାୟତି ରାଜ ଓ ପାନୀୟ ଜଳ | 15,426.37 | 16,856.22 | 15,595.04 | 16,238.48 | 13,890.11 |

| କ୍ର. ସଂ. | ବିଭାଗର ନାମ | 2018-19 | 2019-20 | 2020-21 | 2021-22 | 2022-23 |
|---|---|---|---|---|---|---|
| 4 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 5,800.46 | 6,378.67 | 7,923.25 | 10,420.45 | 12,539.94 |
| 5 | ଜଳ ସମ୍ପଦ | 7,495.25 | 6,127.89 | 5,384.69 | 7,094.89 | 10,156.20 |
| 6 | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 4,540.75 | 5,258.03 | 4,815.53 | 5,616.05 | 7,035.59 |
| 7 | ଗ୍ରାମ୍ୟ ଉନ୍ନୟନ | 7,289.79 | 3,325.78 | 3,880.11 | 3,822.55 | 6,148.65 |
| 8 | ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | 3,220.68 | 2,764.93 | 2,779.80 | 3,078.64 | 3,555.44 |
| 9 | ଉଚ୍ଚ ଶିକ୍ଷା | 2,009.55 | 2,069.42 | 2,181.59 | 2,209.15 | 2,603.62 |
| 10 | ସମବାୟ | 1,435.06 | 1,572.39 | 1,690.49 | 1,850.98 | 1,885.35 |
| 11 | ଯୋଜନା ଓ ସଂଯୋଜନ | 987.37 | 707.84 | 991.76 | 1,127.37 | 1,401.26 |
| 12 | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା | 931.75 | 1,013.64 | 973.95 | 990.25 | 1,237.64 |
| 13 | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | 592.08 | 704.47 | 681.50 | 597.22 | 829.32 |

***(ଉତ୍ସ: 2018-19 ରୁ 2022-23 ଆର୍ଥିକ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ବିନିଯୋଗ ଖାତା)***

## 1.2 ଅଡିଟ୍ ପାଇଁ ପ୍ରାଧିକାର

ସିଏଜିଙ୍କର ସମୀକ୍ଷା କ୍ଷମତା ଭାରତୀୟ ସମ୍ବିଧାନର ଧାରା 149 ଓ 151 ଏବଂ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଓ ଚାକିରୀ ସର୍ତ୍ତାବଳୀ (ଡିପିସି) ଅଧିନିୟମ 1971 ରୁ ଉଦ୍ଧୃତ । ସିଏଜିଙ୍କ ଡିପିସି ଅଧିନିୟମ 1971 ର ଧାରା 13 ଅଧିନରେ ସିଏଜି ଓଡ଼ିଶା ସରକାରଙ୍କ ବିଭାଗ ଗୁଡ଼ିକର ବ୍ୟୟ ସମୀକ୍ଷା କରନ୍ତି । ଡିପିସି ଅଧିନିୟମର ଧାରା 14 ଅନୁଯାୟୀ ସରକାରଙ୍କ ଦ୍ୱାରା ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ଅନ୍ୟାନ୍ୟ ସଂସ୍ଥା ଗୁଡ଼ିକର ସମୀକ୍ଷା ମଧ୍ୟ ସିଏଜିଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଭାରତ ସରକାର, ପ୍ରତ୍ୟେକ ରାଜ୍ୟ ସରକାର ଓ ବିଧାନ ସଭା ଥିବା ପ୍ରତ୍ୟେକ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ଆୟ (ଉଭୟ ରାଜସ୍ୱ ଓ ପୁଞ୍ଜି)ର ସମୀକ୍ଷା ପାଇଁ ସିଏଜିଙ୍କ ଡିପିସି ଅଧିନିୟମର ଧାରା 16, ସିଏଜିଙ୍କୁ କ୍ଷମତା ପ୍ରଦାନ କରିଥାଏ । ଏତଦ୍‌ବ୍ୟତୀତ, ଧାରା 19(2), 19(3) ଓ 20(1) ଅଧିନରେ ସମୀକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ସଂସ୍ଥା/ ପିଏସ୍‌ୟୁ ଗୁଡିକର ସମୀକ୍ଷା ମଧ୍ୟ ସିଏଜି ପରିଚାଳନା କରିଥାନ୍ତି । ରେଗୁଲେସନ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2020 ତଥା ଭାରତୀୟ ଲେଖାପରୀକ୍ଷା ଏବଂ ଲେଖା ବିଭାଗ ଦ୍ୱାରା ଜାରି ଅଡିଟ୍ ମାନଦଣ୍ଡରେ ବିଭିନ୍ନ ସମୀକ୍ଷା ସମ୍ପର୍କିତ ନୀତି ଏବଂ ପଦ୍ଧତି ବର୍ଣ୍ଣନା କରାଯାଇଛି ।

### 1.2.1 ଅଡିଟ୍‌ର ଯୋଜନା ଓ ପରିଚାଳନା

ବାର୍ଷିକ ଅଡିଟ୍ ପ୍ଲାନ୍ ଅନୁଯାୟୀ ଅନୁପାଳନ ସମୀକ୍ଷା କରାଯାଇଥାଏ । ଆପେକ୍ସ ୟୁନିଟ୍, ଅଡିଟ୍ ୟୁନିଟ୍ ଏବଂ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକର ସମ୍ଭାବ୍ୟ ତ୍ରୁଟି ଆକଳନ ଆଧାରରେ ଅନୁପାଳନ ସମୀକ୍ଷା ପାଇଁ ୟୁନିଟ୍ ଚୟନ କରାଯାଏ । ଏହି ସମ୍ଭାବ୍ୟ ତ୍ରୁଟି ଆକଳନ ଆର୍ଥିକ ମାନଦଣ୍ଡ, ସାମାଜିକ ପ୍ରାସଙ୍ଗିକତା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରସଙ୍ଗ, ଅତୀତରେ ଘଟିଥିବା ତୋଷରପାତ, ଅର୍ଥର ଅପବ୍ୟବହାର, ଆତ୍ମସାତ୍ ଇତ୍ୟାଦି ଏବଂ ପୂର୍ବ ଅଡିଟ୍ ରିପୋର୍ଟରେ ପ୍ରକାଶିତ ଅଡିଟ୍ ଫଳାଫଳ ଆଧାରରେ କରାଯାଇଥାଏ ।

ଅଡିଟ୍ ସରିବା ପରେ ୟୁନିଟ୍ ମୁଖ୍ୟମାନଙ୍କୁ ନିରୀକ୍ଷଣ ରିପୋର୍ଟ (ଆଇଆର୍) ପ୍ରଦାନ କରାଯାଏ । ପ୍ରାପ୍ତ ଉତ୍ତର ଆଧାରରେ ଅଡିଟ୍ ପର୍ଯ୍ୟବେକ୍ଷଣର ସମାଧାନ କରାଯାଏ କିମ୍ବା ଅନୁପାଳନ ପାଇଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଏ । ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଫଳାଫଳଗୁଡ଼ିକ ଅଡିଟ୍ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ଡ୍ରାଫ୍ଟ ଅନୁଚ୍ଛେଦ ଭାବରେ ପୁନଶ୍ଚ ପ୍ରସ୍ତୁତ କରାଯାଏ । ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ଅନୁପାଳନ

ସମୀକ୍ଷା ଅନୁଚ୍ଛେଦ ପ୍ରସ୍ତୁତ କରାଯାଏ ଏବଂ ଉପରୋକ୍ତ ବର୍ଣ୍ଣନା କରାଯାଇଥିବା ପଦ୍ଧତି ଅନୁସରଣ କରି ସମସ୍ୟା ଚୟନ କରାଯାଏ ।

ଅଡିଟ୍ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ସାମଗ୍ରୀ ଚୂଡ଼ାନ୍ତ କରିବା ସମୟରେ ବିଭାଗଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ଆନୁଷ୍ଠାନିକ ଉତ୍ତରଗୁଡ଼ିକୁ ସତର୍କତାର ସହ ବିଚାର କରାଯାଏ । ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ରାଜ୍ୟ ବିଧାନସଭାରେ ଅଡିଟ୍ ରିପୋର୍ଟ ଉପସ୍ଥାପନ କରାଯାଏ ।

## 1.2.2 ଅଡିଟ୍‌କୁ ଜବାବ ପ୍ରଦାନରେ ସରକାରଙ୍କ ତତ୍ପରତାର ଅଭାବ

### *ନିରୀକ୍ଷଣ ରିପୋର୍ଟ ଉପରେ ସରକାରଙ୍କ ପ୍ରତିକ୍ରିୟା*

କାରବାର ସମ୍ପର୍କିତ ଧାର୍ଯ୍ୟ ନିୟମଗୁଡ଼ିକର ଅନୁପାଳନ ଓ ଧାର୍ଯ୍ୟ ନିୟମ ତଥା ପଦ୍ଧତି ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ହିସାବ ସମ୍ପର୍କିତ ତଥା ନଥିଗୁଡ଼ିକର ପ୍ରଚଳନ ବିଷୟକୁ ତଦାରଖ କରିବା ନିମନ୍ତେ ପ୍ରଧାନ ମହାଲେଖାକାର (ଅଡିଟ୍-1) ସରକାରୀ ବିଭାଗଗୁଡ଼ିକର ସମୀକ୍ଷା କରିଥାନ୍ତି । ସମୀକ୍ଷା ସମାପ୍ତ ହେବା ପରେ ନିରୀକ୍ଷଣ ରିପୋର୍ଟ (ଆଇଆର) ଗୁଡ଼ିକ ନିରୀକ୍ଷିତ କାର୍ଯ୍ୟାଳୟର ମୁଖ୍ୟଙ୍କ ନିକଟକୁ ପଠାଇବା ସହିତ ଏହାର ନକଲ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥାଏ । ନିରୀକ୍ଷଣ ସମୟରେ ଚିହ୍ନଟ କରାଯାଇଥିବା ଗୁରୁତର ଅନିୟମିତତା ଓ ଅନ୍ୟାନ୍ୟ ତ୍ରୁଟି, ଯାହାର ସମାଧାନ ସେହି ସମୟ ମଧ୍ୟରେ ହୋଇପାରି ନଥାଏ, ସେଗୁଡ଼ିକୁ ନିରୀକ୍ଷଣ ରିପୋର୍ଟରେ ସ୍ଥାନିତ କରାଯାଏ । ଗୁରୁତର ଅନିୟମିତତାଗୁଡ଼ିକୁ ସରକାରଙ୍କ ଦୃଷ୍ଟି ଗୋଚରକୁ ଅଣାଯାଏ ।

ଅଡିଟ୍ ଦ୍ୱାରା କୌଣସି ଗୁରୁତର ତ୍ରୁଟି ବିଷୟରେ ଅବଗତ କରାଗଲେ, ସରକାର ମାମଲାର ସତ୍ୟାସତ୍ୟକୁ ପରୀକ୍ଷା କରି, ତିନି ସପ୍ତାହ ମଧ୍ୟରେ, ଉକ୍ତ ବିଷୟକୁ ସ୍ୱୀକାର କିମ୍ବା ଅସ୍ୱୀକାର କରି, ଏକ ପ୍ରାଥମିକ ରିପୋର୍ଟ ଅଡିଟ୍‌କୁ ଦେବା ଦରକାର । ପ୍ରାଥମିକ ରିପୋର୍ଟରେ ମାମଲାରେ ସତ୍ୟତାକୁ ଅସ୍ୱୀକାର ନ କରିବା କ୍ଷେତ୍ରରେ, ସରକାର ପ୍ରାଥମିକ ରିପୋର୍ଟର ଦୁଇ ମାସ ମଧ୍ୟରେ, ତ୍ରୁଟିର ପୁନରାବୃତ୍ତିକୁ ରୋକିବା ପାଇଁ ନେଇଥିବା ପ୍ରତିକାରାତ୍ମକ ପଦକ୍ଷେପ ଓ ତ୍ରୁଟି ପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟକୁ ସୂଚିତ ପୂର୍ବକ, ଏକ ବିସ୍ତୃତ ରିପୋର୍ଟ ଅଡିଟକୁ ପ୍ରଦାନ କରିବା ଆବଶ୍ୟକ ।

ଏତଦ୍‌ବ୍ୟତୀତ, ନିରୀକ୍ଷଣ ସମୟରେ ଚିହ୍ନଟ ହୋଇଥିବା ତ୍ରୁଟି, ବିଚ୍ୟୁତି, ଇତ୍ୟାଦି ପାଇଁ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସହିତ ସମୟୋଚିତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏବଂ ପ୍ରଧାନ ମହାଲେଖାକାର (ଅଡିଟ୍-1) ପ୍ରଦତ୍ତ ନିରୀକ୍ଷଣ ରିପୋର୍ଟ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ମଧ୍ୟ ସମୟ ବ୍ୟବଧାନରେ ନିର୍ଦ୍ଦେଶ ଜାରି କରିଥିଲେ ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟ ଅନ୍ତର୍ଗତ ଅମୀମାଂସିତ ସମୀକ୍ଷା ମନ୍ତବ୍ୟ ଗୁଡ଼ିକ ତଥା ସମାଧାନକୁ ସୁଗମ କରିବା ପାଇଁ, ଅମୀମାଂସିତ ନିରୀକ୍ଷଣ ରିପୋର୍ଟର ସ୍ଥିତି ବିଷୟ ଉଲ୍ଲେଖ ଥାଇ ଏକ ଷାଣ୍ମାସିକ ରିପୋର୍ଟ ସଂପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ପଠାଯାଇଥାଏ ।

2023 ମାର୍ଚ୍ଚ ସୁଦ୍ଧା ଜାରି ହୋଇଥିବା 21 ଟି ବିଭାଗ ସମ୍ବନ୍ଧୀୟ ନିରୀକ୍ଷଣ ରିପୋର୍ଟର ସ୍ଥିତି ଦର୍ଶାଇଛି ଯେ ଜୁନ୍ 2023 ସୁଦ୍ଧା 10,233 ନିରୀକ୍ଷଣ ରିପୋର୍ଟର 42,738 ଅନୁଚ୍ଛେଦ ଅମୀମାଂସିତ ରହିଥିଲା । ବିଭାଗ ଅନୁଯାୟୀ ଏବଂ ବର୍ଷ ଅନୁଯାୟୀ ଅମୀମାଂସିତ ନିରୀକ୍ଷଣ ରିପୋର୍ଟ ଏବଂ ଅନୁଚ୍ଛେଦ ଗୁଡ଼ିକର ବିବରଣୀ ***ପରିଶିଷ୍ଟ 1.2*** ରେ ଦିଆଯାଇଛି ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟରେ ସରକାରୀ ଅର୍ଥର ଗୁରୁତର ଅନିୟମିତତା ଯେପରିକି ଚୋରି, ତୋଷରଫ, ଅପବ୍ୟବହାର, ଇତ୍ୟାଦି, ରାଜସ୍ୱ ହାନି ଓ ନିଅଣ୍ଟ ଏବଂ ଅନାଦେୟ/ ହିସାବରୁ ବାଦ୍ ଜନିତ କ୍ଷତି ସମ୍ପର୍କିତ 175.62 କୋଟି ଟଙ୍କାର 3,343 ଟି ଅନୁଚ୍ଛେଦ ରହିଛି । ଗୁରୁତ୍ୱପୂର୍ଣ୍ଣ ଅମୀମାଂସିତ ଅନୁଚ୍ଛେଦ ଗୁଡ଼ିକର ବିଭାଗୱାରୀ ଓ ପ୍ରକାର ଭିତ୍ତିକ ବିଶ୍ଳେଷଣ ***ପରିଶିଷ୍ଟ 1.3*** ରେ ଦର୍ଶାଯାଇଛି ।

ପ୍ରଧାନ ମହାଲେଖାକାର (ଅଡିଟ୍-1) କାର୍ଯ୍ୟାଳୟ ଅନ୍ତର୍ଗତ 21 ଟି ବିଭାଗ ମଧ୍ୟରୁ 17 ଟି ବିଭାଗ[1] କ୍ଷେତ୍ରରେ ଅମୀମାଂସିତ ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡ଼ିକର ଦ୍ରୁତ ସମାଧାନ ନିମନ୍ତେ ସଂପୃକ୍ତ ପ୍ରଶାସନିକ ବିଭାଗ, ଅର୍ଥ ବିଭାଗ ଏବଂ ଅଡିଟ୍ ପ୍ରତିନିଧି ମାନଙ୍କୁ ନେଇ ଗଠିତ ଅଡିଟ୍ କମିଟିର 186 ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଅବଶିଷ୍ଟ ଚାରିଟି ବିଭାଗ[2] ପାଇଁ ଅଡିଟ୍ କମିଟି ବୈଠକ ଅନୁଷ୍ଠିତ ହୋଇନଥିଲା । ଏହି 17 ଟି ବିଭାଗ ପାଇଁ ଅପ୍ରେଲ 2022 ରୁ ମାର୍ଚ୍ଚ 2023 ମଧ୍ୟରେ ଅନୁଷ୍ଠିତ ହୋଇଥିବା ଅଡିଟ୍ କମିଟି ବୈଠକରେ 3,051 ଟି ଅନୁଚ୍ଛେଦ ଓ 416 ଟି ନିରୀକ୍ଷଣ ରିପୋର୍ଟର ସମାଧାନ ହୋଇଥିଲା ।

ଧାର୍ଯ୍ୟ ସମୟ ସୀମା ମଧ୍ୟରେ (i) ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦଗୁଡ଼ିକର ଜବାବ ଦାଖଲରେ ବିଫଳ ହୋଇଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ (ii) କ୍ଷତି/ ବକେୟା ଅଗ୍ରୀମ/ ଅଧିକ ଅର୍ଥ ପ୍ରଦାନ ଇତ୍ୟାଦିର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭରଣା ଏବଂ (iii) ପ୍ରତ୍ୟେକ ଅଡିଟ୍ କମିଟିର ପ୍ରତି ତିନି ମାସରେ ସର୍ବନିମ୍ନ ଗୋଟିଏ ବୈଠକ ଅନୁଷ୍ଠିତ କରିବା ବିଷୟକୁ ସୁନିଶ୍ଚିତ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ଏକ ପଦ୍ଧତି ପ୍ରଚଳନ କରିବା ପାଇଁ ସୁପାରିଶ କରାଗଲା ।

### 1.2.3 ଅନୁପାଳନ ଅଡିଟ୍ ଅନୁଚ୍ଛେଦ ଉପରେ ବିଭାଗ ଗୁଡ଼ିକର ପ୍ରତିକ୍ରିୟା

ରେଗୁଲେସନ୍ ଅନ୍ ଅଡିଟ୍ ଆଣ୍ଡ୍ ଆକାଉଣ୍ଟ୍ସ୍, 2020 ରେ କୁହାଯାଇଛି ଯେ ସିଏଜିଙ୍କ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବିତ ଡ୍ରାଫ୍ଟ ଅଡିଟ୍ ଅନୁଚ୍ଛେଦର ଉତ୍ତର ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଦାଖଲ କରାଯିବା ଉଚିତ୍ ।

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଗଷ୍ଟ 2021 ରେ ଦେଇଥିବା ନିର୍ଦ୍ଦେଶନାମାରେ ସମସ୍ତ ବିଭାଗକୁ ପ୍ରସ୍ତାବିତ ଡ୍ରାଫ୍ଟ ଅଡିଟ୍ ଅନୁଚ୍ଛେଦରେ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଡ୍ରାଫ୍ଟ ଅନୁଚ୍ଛେଦ ଏବଂ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ସମ୍ପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବ ଏବଂ ଅର୍ଥ ବିଭାଗକୁ ପଠାଯାଏ, ଅଡିଟ୍ ଫଳାଫଳ ପ୍ରତି ଦୃଷ୍ଟି ଆକର୍ଷଣ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଜବାବ ପଠାଇବାକୁ ଅନୁରୋଧ କରାଯାଏ । ବିଧାନସଭାରେ ଉପସ୍ଥାପିତ ହେବାକୁ ଥିବା ସିଏଜିଙ୍କ ଅଡିଟ୍ ରିପୋର୍ଟରେ ଏଭଳି ଅନୁଚ୍ଛେଦ ଅନ୍ତର୍ଭୁକ୍ତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ଅଡିଟ୍ ଫଳାଫଳ ଉପରେ ସେମାନଙ୍କ ମତାମତ ଅନ୍ତର୍ଭୁକ୍ତ କରିବା ବାଞ୍ଛନୀୟ ହେବ ବୋଲି ସେମାନଙ୍କ ବ୍ୟକ୍ତିଗତ ଦୃଷ୍ଟି ଆକର୍ଷଣ କରାଯାଇଛି ।

ଅକ୍ଟୋବର 2023 ରୁ ମଇ 2024 ମଧ୍ୟରେ, ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବିତ ଦୁଇଟି ଅନୁପାଳନ ସମୀକ୍ଷା ରିପୋର୍ଟ ଏବଂ 12 ଟି ଡ୍ରାଫ୍ଟ ଅନୁଚ୍ଛେଦ ସମ୍ପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବ ଏବଂ ଅର୍ଥ ବିଭାଗକୁ ସରକାରୀ/ ଅର୍ଦ୍ଧ ସରକାରୀ ପତ୍ର ମାଧ୍ୟମରେ, ସେମାନଙ୍କ ନାମରେ ପଠାଯାଇଥିଲା । ସମ୍ପୃକ୍ତ ବିଭାଗ ଏହି ଅଡିଟ୍ ରିପୋର୍ଟରେ ସ୍ଥାନ ପାଇଥିବା ଗୋଟିଏ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଏବଂ ସାତଟି ଡ୍ରାଫ୍ଟ ଅନୁଚ୍ଛେଦର ଉତ୍ତର ପଠାଇ ନଥିଲେ ।

ଯେଉଁ କ୍ଷେତ୍ରରେ ସଂପୃକ୍ତ ବିଭାଗଗୁଡ଼ିକର ଜବାବ ତଥା ପ୍ରାଥମିକ ଅଡିଟ୍ ମେମୋଗୁଡ଼ିକର ଜବାବ ପ୍ରାପ୍ତ ହୋଇଥିଲା, ସେଗୁଡ଼ିକ ଉପଯୁକ୍ତ ଭାବରେ ପ୍ରତିବେଦନରେ ସାମିଲ୍ କରାଯାଇଛି ।

### 1.2.4 ଅଡିଟ୍ ରିପୋର୍ଟ ଉପରେ ଅନୁବର୍ତ୍ତୀ ପଦକ୍ଷେପ

ରାଜ୍ୟ ବିଧାନସଭାରେ ସିଏଜିଙ୍କ ରେପୋର୍ଟ ଉପସ୍ଥାପିତ ହେବା ପରେ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ତିନି ମାସ ମଧ୍ୟରେ ନିଜ ତରଫରୁ ଅଡିଟ୍ ପର୍ଯ୍ୟବେକ୍ଷଣର ଜବାବ ଦାଖଲ କରିବା ଆବଶ୍ୟକ । 2020-21 ଆର୍ଥିକ ବର୍ଷ

---

1 ଅବକାରୀ ବିଭାଗ; ପଞ୍ଚାୟତିରାଜ ଓ ପାନୀୟ ଜଳ; ଗ୍ରାମ୍ୟ ଉନ୍ନୟନ; ଗୃହ ନିର୍ମାଣ ଓ ନଗର ଉନ୍ନୟନ; ବିଦ୍ୟାଳୟ ଓ ଗଣ ଶିକ୍ଷା; ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା; ମହିଳା ଓ ଶିଶୁ ବିକାଶ; ଅର୍ଥ; ଉଚ୍ଚ ଶିକ୍ଷା; ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା; ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ; ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା; ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ; ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ; ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା; କ୍ରୀଡ଼ା ଓ ଯୁବସେବା ଏବଂ ସୂଚନା ଏବଂ ଲୋକ ସମ୍ପର୍କ

2 ଯୋଜନା ଏବଂ ସଂଯୋଜନ; ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ; ସଂସଦୀୟ ବ୍ୟାପାର ଏବଂ ମିଶନ ଶକ୍ତି

ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଉପରେ ସିଏଜିଙ୍କ ଅଡିଟ୍ ରିପୋର୍ଟରେ[3] ଅନ୍ତର୍ଭୁକ୍ତ ବକେୟା ଉତ୍ତରଗୁଡ଼ିକର ସମୀକ୍ଷାରୁ ଜଣାପଡ଼ିଛି ଯେ, 2023 ସେପ୍ଟେମ୍ବର ସୁଦ୍ଧା, ପାଞ୍ଚଟି ବିଭାଗକୁ ନେଇ ନଅଟି ଅନୁଚ୍ଛେଦ ଏବଂ ଗୋଟିଏ ସମ୍ପାଦନ ସମୀକ୍ଷା ସମ୍ବନ୍ଧୀୟ ଉତ୍ତର ବକେୟା ରହିଥିଲା ***(ପରିଶିଷ୍ଟ 1.4)*** । 2007-08 ରୁ 2020-21 ପର୍ଯ୍ୟନ୍ତ 574 ଟି ଅନୁଚ୍ଛେଦ ମଧ୍ୟରୁ 214 ଟି ଅନୁଚ୍ଛେଦ, ପବ୍ଲିକ୍ ଆକାଉଣ୍ଟସ୍ କମିଟି(ପିଏସି)/ କମିଟି ଅନ୍ ପବ୍ଲିକ୍ ଅଣ୍ଡର୍‌ଟେକିଙ୍ଗ୍ (ସିଓପିୟୁ) ଦ୍ୱାରା ଆଲୋଚନା ପାଇଁ ଚୟନ କରାଯାଇଥିଲା ।

ପିଏସି ଏବଂ ସିଓପିୟୁର କାର୍ଯ୍ୟପ୍ରଣାଳୀ ନିୟମାବଳୀ ଅନୁଯାୟୀ, ରାଜ୍ୟ ବିଧାନସଭାରେ ଉପସ୍ଥାପିତ ପିଏସିଙ୍କ ରିପୋର୍ଟରେ କରାଯାଇଥିବା ସୁପାରିଶଗୁଡିକ ଉପରେ ପ୍ରଶାସନିକ ବିଭାଗଗୁଡ଼ିକ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ଥିଲା । ସେହି ସୁପାରିଶ ଗୁଡ଼ିକ ଉପରେ କ'ଣ ପଦକ୍ଷେପ ନିଆଯାଇଛି କିମ୍ବା ନିଆଯିବାକୁ ପ୍ରସ୍ତାବ ଦିଆଯାଇଛି, ସେ ସମ୍ପର୍କରେ ମତାମତ ଚାରି ମାସ ମଧ୍ୟରେ ଦାଖଲ କରିବାକୁ ଥିଲା ।

2018-19 ଆର୍ଥିକ ବର୍ଷରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ, ବିଧାନସଭାରେ ଉପସ୍ଥାପିତ ପିଏସିଙ୍କର ରିପୋର୍ଟରେ ଥିବା 15 ଟି ଅନୁଚ୍ଛେଦ ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ମନ୍ତବ୍ୟ, ସେପ୍ଟେମ୍ବର 2023 ସୁଦ୍ଧା, ଦୁଇଟି ବିଭାଗ[4] ପକ୍ଷରୁ ବିଧାନସଭାରେ ଦାଖଲ କରାଯାଇ ନଥିଲା । ଏହି ରିପୋର୍ଟରେ ଅସୁଲି, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ବିଷୟରେ ପିଏସି ପରାମର୍ଶ ପ୍ରଦାନ କରିଥିଲେ, ଯାହା ***ପରିଶିଷ୍ଟ 1.5*** ରେ କିଛି ଗୁରୁତ୍ୱପୂର୍ଣ୍ଣ ମାମଲା ବର୍ଣ୍ଣନା କରାଯାଇଛି ।

## 1.2.5 ଅଡିଟ୍ ନିର୍ଦ୍ଦେଶରେ ଅର୍ଥ ପୁନରୁଦ୍ଧାର

2022-23 ଆର୍ଥିକ ବର୍ଷରେ, ଅଡିଟ୍‌ରେ 1,208.23 କୋଟି ଟଙ୍କା ଆଦାୟ କରିବା ପାଇଁ ଦର୍ଶାଯାଇଥିଲା, ସେଥିମଧ୍ୟରୁ 1,131.25 କୋଟି ଟଙ୍କା ଅଡିଟ୍ ହୋଇଥିବା ସଂସ୍ଥାଗୁଡ଼ିକ ଗ୍ରହଣ କରିଥିଲେ । 2024 ମାର୍ଚ୍ଚ ସୁଦ୍ଧା ଗ୍ରହଣୀୟ ରାଶି ମଧ୍ୟରୁ ମାତ୍ର 1.24 କୋଟି ଟଙ୍କା ଆଦାୟ ହୋଇଛି । ଏହା ବ୍ୟତୀତ ଚଳିତ ବର୍ଷ 10.16 କୋଟି ଟଙ୍କା ଆଦାୟ କରାଯାଇଛି, ଯାହା କି ପୂର୍ବ ବର୍ଷ ଗୁଡ଼ିକର ବକେୟା ରାଶି ସହିତ ଜଡ଼ିତ ।

## 1.3 ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣ

ବର୍ତ୍ତମାନର ରିପୋର୍ଟରେ ଦୁଇଟି ଅନୁପାଳନ ଅଡିଟ୍ ଅନୁଚ୍ଛେଦ ଏବଂ 12 ଟି ସ୍ୱତନ୍ତ୍ର ଅନୁଚ୍ଛେଦ ରହିଛି । ଏଥିରେ ଥିବା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣଗୁଡ଼ିକ, ନିମ୍ନଲିଖିତ ଅନୁଚ୍ଛେଦରେ ସଂକ୍ଷିପ୍ତ ଭାବରେ ଉପସ୍ଥାପିତ ହୋଇଛି:

## 1.3.1 ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା ଏବଂ ଇନ୍‌ପୁଟ୍ ସାମଗ୍ରୀ କ୍ରୟ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ (ଏସ୍ଏସ୍‌ଡି ବିଭାଗ)ର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଅନୁସୂଚିତ ଅଞ୍ଚଳରେ ବସବାସ କରୁଥିବା ଅନୁସୂଚିତ ଜନଜାତି ଜନସଂଖ୍ୟାର ସମନ୍ୱିତ ସାମାଜିକ-ଅର୍ଥନୈତିକ ବିକାଶ ଦିଗରେ ବିଭିନ୍ନ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ପାଇଁ ଦାୟୀ । 1979-80 ରୁ 2022-23 ମଧ୍ୟରେ ଓଡ଼ିଶାରେ 22 ଟି ଆଇଟିଡିଏ ପ୍ରତିଷ୍ଠା ହୋଇଥିଲା ।

2018-19 ରୁ 2022-23 ପର୍ଯ୍ୟନ୍ତ 11 ଟି ନମୁନାଭୁକ୍ତ ଆଇଟିଡିଏର ଅନୁପାଳନ ସମୀକ୍ଷା କରାଯାଇଥିଲା, ଯେଉଁଥିରେ ବିଭାଗୀୟ କାର୍ଯ୍ୟ ସମ୍ପାଦନ ଏବଂ ଆଇଟିଡିଏମାନଙ୍କ ଦ୍ୱାରା ଇନ୍‌ପୁଟ୍ ସାମଗ୍ରୀ କ୍ରୟ, ରାଜ୍ୟ ସରକାରଙ୍କ

---

3 ଏଥିରେ 2019-20, ପର୍ଯ୍ୟନ୍ତ ସାଧାରଣ ଓ ସାମାଜିକ କ୍ଷେତ୍ର ଉପରେ ଅଡିଟ୍ ରିପୋର୍ଟ, 2020-21 ପାଇଁ ଅନୁପାଳନ ସମୀକ୍ଷା ରିପୋର୍ଟ ଏବଂ 2020-21 ପର୍ଯ୍ୟନ୍ତ ସ୍ଥାନୀୟ ନିକାୟ ସଂସ୍ଥା ଉପରେ ଅଡିଟ୍ ରିପୋର୍ଟ ଅନ୍ତର୍ଭୁକ୍ତ

4 ପଞ୍ଚାୟତିରାଜ ଓ ପାନୀୟ ଜଳ; ଏବଂ ଗ୍ରାମ୍ୟ ଉନ୍ନୟନ

ଦ୍ୱାରା ଜାରି ପ୍ରଚଳିତ ନିୟମାବଳୀକୁ ପାଳନ କରୁଛି କି ନାହିଁ ତାହା ଯାଞ୍ଚ କରାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଫଳାଫଳ ନିମ୍ନଲିଖିତ ଅଟେ:

- 2018-23 ଅବଧିରେ 11 ଟି ନମୁନାଭୁକ୍ତ ଆଇଟିଡିଏ ପାଖରେ ଉପଲବ୍ଧ 1,709.47 କୋଟି ଟଙ୍କା ମଧ୍ୟରୁ 1,190.44 କୋଟି ଟଙ୍କା (70 ପ୍ରତିଶତ) ଖର୍ଚ୍ଚ ହୋଇପାରିଛି, ଯାହା ନମୁନା ଆଇଟିଡିଏଗୁଡ଼ିକର ଖରାପ ଖର୍ଚ୍ଚ ଦକ୍ଷତାକୁ ଦର୍ଶାଉଛି ।

- ସୋସାଇଟି ପଞ୍ଜୀକରଣ ଅଧିନିୟମ, 1860 ର ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ଥିଲେ ମଧ୍ୟ କୌଣସି ଆଇଟିଡିଏ ବାର୍ଷିକ ହିସାବ ପ୍ରସ୍ତୁତ କରିନଥିଲେ । ହିସାବ ପ୍ରସ୍ତୁତ ନହେବା କାରଣରୁ କ୍ଷତି କିମ୍ବା ଅଯଥା ବ୍ୟୟ ତଥା ବ୍ୟୟରେ ଅପାରଗତା ସମ୍ପର୍କିତ ସମସ୍ୟାର ସମାଧାନ ହୋଇପାରୁନାହିଁ ।

- ଓପିଡବ୍ଲୁଡି କୋଡ୍‌ର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା କରାଯିବା ଉଚିତ୍, ଯେଉଁଠାରେ ବିଭାଗୀୟ କାର୍ଯ୍ୟ ପାଇଁ ଖର୍ଚ୍ଚ ଆଇଟିଡିଏର ବ୍ୟକ୍ତିଗତ ଖାତା ଆକାଉଣ୍ଟରୁ ହେବା ଉଚିତ୍, ଜେଇ/ ଏଇମାନଙ୍କ ନାମରେ ଖୋଲାଯାଇଥିବା ପୃଥକ ବ୍ୟାଙ୍କ୍ ଆକାଉଣ୍ଟ୍ ମାଧ୍ୟମରେ ନୁହେଁ । ଅପରପକ୍ଷେ ବିଭାଗୀୟ ଭାବେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟ ପାଇଁ ସମସ୍ତ ଦେୟ କନିଷ୍ଠ ଯନ୍ତ୍ରୀ (ଜେଇ)/ ସହାୟକ ଯନ୍ତ୍ରୀ (ଏଇ)ଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ପଠାଯାଇଥିଲା, ଯାହା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଏକ ବଡ଼ ବିଫଳତା ଥିଲା ।

- ଆଇଟିଡିଏର ଜେଇ/ ଏଇମାନଙ୍କ ଦ୍ୱାରା ଭିତ୍ତିଭୂମି ବିକାଶ କାର୍ଯ୍ୟ ସମ୍ପାଦନ କରାଯାଇଥିଲା ଏବଂ ପ୍ରକୃତ ଖର୍ଚ୍ଚ ପରିମାଣ ନିର୍ବିଶେଷରେ, ସେମାନଙ୍କ ଦ୍ୱାରା ସଂଗ୍ରହ ଏବଂ ପ୍ରସ୍ତୁତ କରାଯାଇଥିବା ଚଳନ୍ତି ଆକାଉଣ୍ଟ ବିଲ୍ ଆଧାରରେ କାର୍ଯ୍ୟକାରୀ ଖର୍ଚ୍ଚ ବାବଦରେ ଅର୍ଥ ପ୍ରଦାନ କରାଯାଇଥିଲା । ଆଇଟିଡିଏ ପକ୍ଷରୁ ଜେଇ/ ଏଇ ନାମରେ ଖୋଲାଯାଇଥିବା ବ୍ୟାଙ୍କ୍ ଆକାଉଣ୍ଟକୁ ଏହି ଟଙ୍କା ପଠାଯାଇଥିଲା । ଏହି ବ୍ୟବସ୍ଥା ପ୍ରଚଳିତ ମାର୍ଗଦର୍ଶିକା ଅନୁଯାୟୀ କିମ୍ବା ସରକାରଙ୍କ କୌଣସି ନିର୍ଦ୍ଦେଶ ଅନୁଯାୟୀ ନଥିଲା ।

- ଏହି ବ୍ୟାଙ୍କ ଆକାଉଣ୍ଟରୁ 148.75 କୋଟି ଟଙ୍କାର ବ୍ୟକ୍ତିଗତ କାରବାର ଯଥା, ଏଟିଏମ୍ ଜରିଆରେ ନଗଦ ଟଙ୍କା ଉଠାଣ, ଚେକ୍ ଜରିଆରେ ଦେୟ, ପିଓଏସ୍ ମାଧ୍ୟମରେ ଦେୟ, ବୀମା ପ୍ରିମିୟମ୍ ଦେୟ, ମୋବାଇଲ୍ ଫୋନ୍ ରିଚର୍ଜ ଏବଂ ୟୁପିଆଇ କାରବାର ଆଦି ଜେଇ/ ଏଇମାନେ କରିଥିଲେ । ଏହା ସମ୍ପୃକ୍ତ ଜେଇ/ ଏଇମାନଙ୍କ ଦ୍ୱାରା ସରକାରୀ ଅର୍ଥର ସନ୍ଦେହଜନକ ଅପବ୍ୟବହାରକୁ ସୂଚାଉଥିଲା ।

- ନଅଟି ନମୁନା ଆଇଟିଡିଏରେ 490 ଟି କାର୍ଯ୍ୟ ପାଇଁ 20.71 କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ କେସ୍ ରେକର୍ଡ ଫାଇଲରେ କେବଳ 17.33 କୋଟି ଟଙ୍କାର ଭାଉଚର ଉପଲବ୍ଧ ଥିଲା ଅର୍ଥାତ୍ ଭାଉଚର ମୂଲ୍ୟ ଠାରୁ ଖର୍ଚ୍ଚ ପରିମାଣ 3.38 କୋଟି ଟଙ୍କା ଅଧିକ ଥିଲା । 325 ଟି ନମୁନା ଯାଞ୍ଚ କାର୍ଯ୍ୟରେ ସାମଗ୍ରୀ ଓ ଶ୍ରମ ବାବଦକୁ 3.23 କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଚଳନ୍ତି ଆକାଉଣ୍ଟ୍ ବିଲ୍‌ରେ ଚାଲାଣ ଉପଲବ୍ଧ ନଥିଲା ।

- 22.78 କୋଟି ଟଙ୍କାର ଦେୟ ସହ ଜଡ଼ିତ 544 ଟି ନମୁନା ଯାଞ୍ଚ କରାଯାଇଥିବା କାର୍ଯ୍ୟ ସମ୍ବନ୍ଧୀୟ 2,476 ଟି ଚାଲାଣ କ୍ଷେତ୍ରରେ, ତାରିଖ ଓ ଇନ୍‌ଭଏସ୍ ନମ୍ବର (169) ଉଲ୍ଲେଖ ନଥିବା ଚାଲାଣ (384) ଭଳି ଅନିୟମିତତା, ନକଲି ଚାଲାଣ (21), ଜିଏସ୍‌ଟି (44) ଅଧୀନରେ ପଞ୍ଜୀକୃତ ହୋଇନଥିବା ସଂସ୍ଥା ଠାରୁ ସଂଗ୍ରହ କରାଯାଇଥିବା ଚାଲାଣ ଏବଂ ରିପୋର୍ଟ ହୋଇଥିବା ଜିଏସ୍‌ଟି ପଞ୍ଜୀକରଣ ନମ୍ବର (14) ଠାରୁ ଭିନ୍ନ ସଂସ୍ଥା ଦ୍ୱାରା ସଂଗ୍ରହ କରାଯାଇଥିବା ଚାଲାଣ, ଇତ୍ୟାଦି ଅନିୟମିତତା, ଅଡିଟ୍‌ରେ ଦେଖିବାକୁ ମିଳିଥିଲା ।

- ସାଇଟ୍ ପରିଦର୍ଶନ, ଡ୍ରଇଂ ଏବଂ ଡିଜାଇନ୍ ଏବଂ ଇଣ୍ଡେକ୍ସ ମାନଚିତ୍ର ପ୍ରସ୍ତୁତ ନକରି 544 ଟି ନମୁନା ଯାଞ୍ଚ କାର୍ଯ୍ୟର ମୂଲ୍ୟ ଅଟକଳ ପ୍ରସ୍ତୁତ କରାଯାଇଥିଲା । ବିଭାଗୀୟ କାର୍ଯ୍ୟ ପାଇଁ ଡ୍ରଇଁ ଓ ଡିଜାଇନ୍/ ଯୋଜନା ଅଭାବରୁ, ମୂଳ ଅଟକଳରୁ ପ୍ରକୃତ ବିଚ୍ୟୁତି, ଯଦି ଅଛି, ତାହା ଯାଞ୍ଚ ଯୋଗ୍ୟ ହୋଇନଥିଲା ।

- ଓଡ଼ିଶା ସରକାରଙ୍କ ସମବାୟ ବିଭାଗ ଓଡ଼ିଶା ଉପଭୋକ୍ତା ସମବାୟ ମହାସଂଘ ଲିମିଟେଡ୍ ଏବଂ ଆଞ୍ଚଳିକ ସମବାୟ ମାର୍କେଟିଂ ସୋସାଇଟି ଭଳି ସମବାୟ ସମିତିଗୁଡ଼ିକୁ ସରକାରୀ କାର୍ଯ୍ୟାଳୟକୁ ସାମଗ୍ରୀ ଯୋଗାଣ ପାଇଁ ଦିଆଯାଇଥିବା ସୁବିଧାକୁ, ସରକାରୀ କ୍ରୟରେ ସ୍ୱଚ୍ଛତା ଏବଂ ମିତବ୍ୟୟିତା ଆଣିବା ପାଇଁ, ପ୍ରତ୍ୟାହାର କରି ନେଇଥିଲେ (ଜୁନ୍ 2005) । ଟେଣ୍ଡର ପ୍ରକ୍ରିୟାରେ ଏହି ସୋସାଇଟିଗୁଡ଼ିକୁ ଅନ୍ୟ ଯୋଗାଣକାରୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସମବାୟ ସମିତିଗୁଡ଼ିକୁ ଦିଆଯାଇଥିବା ସୁବିଧା ପ୍ରତ୍ୟାହାର ସତ୍ତ୍ୱେ, 10 ଟି ନମୁନା ଆଇଟିଡିଏ ବିନା ଟେଣ୍ଡରରେ ଏହି ସମବାୟ ସମିତିଗୁଡ଼ିକରୁ ମୋଟ 74.51 କୋଟି ଟଙ୍କାର କ୍ରୟ ମୂଲ୍ୟ ମଧ୍ୟରୁ 54.25 କୋଟି ଟଙ୍କାର ଇନ୍‌ପୁଟ୍ ସାମଗ୍ରୀ କ୍ରୟ କରିଥିଲେ ।

- ଏହା ବ୍ୟତୀତ ସମବାୟ ସମିତିଗୁଡ଼ିକ ପ୍ରକୃତରେ ସେମାନଙ୍କ ସଦସ୍ୟଙ୍କଠାରୁ ଇନ୍‌ପୁଟ୍ ସାମଗ୍ରୀ ସଂଗ୍ରହ କରିନଥିଲେ । ସେମାନେ କୌଣସି ଟେଣ୍ଡର ପ୍ରକ୍ରିୟା ଅନୁସରଣ ନକରି ନାମାଙ୍କନ ଭିତ୍ତିରେ ଘରୋଇ ବିକ୍ରେତା ମାନଙ୍କୁ କ୍ରୟ ଆଦେଶ ଜାରି କରିଥିଲେ, ଯେଉଁମାନେ ପ୍ରକୃତରେ ଚୂଡ଼ାନ୍ତ ଯୋଗାଣକାରୀ ଥିଲେ । ସମବାୟ ସମିତି ଦ୍ୱାରା ଦିଆଯାଉଥିବା ଜିନିଷଗୁଡ଼ିକର ମୂଲ୍ୟ ଗୁଡ଼ିକୁ ଆଇଟିଡିଏମାନେ ସହଜରେ ଗ୍ରହଣ କରି ନେଉଥିଲେ ଏବଂ ଦେୟ ପଇଠ କରୁଥିଲେ ।

- ଇନ୍‌ପୁଟ୍ ସାମଗ୍ରୀ ପାଇଁ ଯୋଗାଣକାରୀଙ୍କ ଏକ ପୁଲ୍ ପ୍ରସ୍ତୁତ କରିବାକୁ କିମ୍ବା କୌଣସି ଆନୁଷ୍ଠାନିକ ବଜାର ସର୍ବେକ୍ଷଣ କରି, କିମ୍ବା ନିୟମିତ ମୂଲ୍ୟ କୋଟେସନ୍ ହାସଲ କରି କିମ୍ବା ରାଷ୍ଟ୍ରାୟତ୍ତ ସଂସ୍ଥା ଦ୍ୱାରା ପ୍ରକାଶିତ ମୂଲ୍ୟ ତାଲିକା ଯାଞ୍ଚ କରି, ଏକ ଉପଯୁକ୍ତ ବଜାର ମୂଲ୍ୟ ଆବିଷ୍କାର କରିବାକୁ କୌଣସି ପ୍ରୟାସ କରାଯାଇ ନାହିଁ ।

- ଏହି ପ୍ରକୃତ ଘରୋଇ ଯୋଗାଣକାରୀମାନେ କେଉଁ ଆଧାରରେ ମୂଲ୍ୟ ଧାର୍ଯ୍ୟ କରିଥିଲେ, ଯାହା ସମବାୟ ସମିତି ଏବଂ ଶେଷରେ ଆଇଟିଡିଏ ଦ୍ୱାରା ଗ୍ରହଣ କରାଯାଇଥିଲା, ତାହା ରେକର୍ଡରେ ମିଳିନଥିଲା ।

- ପାରଳାଖେମୁଣ୍ଡି ସ୍ଥିତ ପିଏ, ଆଇଟିଡିଏ ନିଜ କ୍ଷମତାକୁ ଅତିକ୍ରମ କରି 3.74 କୋଟି ଟଙ୍କାର ବାଦ୍ୟଯନ୍ତ୍ର ଓ ପୋଷାକ କିଣିଥିବା ବେଳେ, ପ୍ରଶାସନିକ ଅନୁମୋଦନ ମାତ୍ର 73.60 ଲକ୍ଷ ଟଙ୍କା ଥିଲା । ପୁନଃ ଟେଣ୍ଡର ଆହ୍ୱାନ ନକରି, ଦୁଇଟି ପୁନରାବୃତ୍ତି ଆଦେଶ ମାଧ୍ୟମରେ କିଣାଯାଇଥିବା 2.09 କୋଟି ଟଙ୍କାର ସାମଗ୍ରୀ, କ୍ରୟ ମୂଲ୍ୟରେ ଅନ୍ତର୍ଭୁକ୍ତ ଥିଲା, ଯାହା ଅନିୟମିତ ଥିଲା ।

ଏହା ସୁପାରିଶ କରାଯାଏ ଯେ:

- ***ଏସ୍‌ଏସ୍‌ଡି ବିଭାଗ ଆଇଟିଡିଏଗୁଡିକ ଦ୍ୱାରା ବାର୍ଷିକ ଆର୍ଥିକ ବିବରଣୀ ପ୍ରସ୍ତୁତି ନିଶ୍ଚିତ କରନ୍ତୁ ଏବଂ ସେମାନଙ୍କର ବାର୍ଷିକ ଅଡିଟ୍ କରାନ୍ତୁ ।***

- ***କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା ପାଇଁ ଜେଇ/ ଏଇଙ୍କ ଦ୍ୱାରା ବ୍ୟାଙ୍କ୍ ଆକାଉଣ୍ଟ୍ ପରିଚାଳନାର ଅନିୟମିତ ଅଭ୍ୟାସକୁ ତୁରନ୍ତ ବନ୍ଦ କରିବା ଏବଂ ଓପିଡବ୍ଲୁଡି କୋଡ଼ରେ ଦିଆଯାଇଥିବା ପ୍ରକ୍ରିୟା ଗ୍ରହଣ କରିବାକୁ ଏସ୍‌ଏସ୍‌ଡି ବିଭାଗ ଆଇଟିଡିଏମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।***

- ***ଏସ୍‌ଏସ୍‌ଡି ବିଭାଗ ସମସ୍ତ ଆଇଟିଡିଏରେ ବିଭାଗୀୟ କାର୍ଯ୍ୟ ପାଇଁ ଜେଇ/ ଏଇଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବ୍ୟାଙ୍କ କାରବାରର ସମୀକ୍ଷା କରନ୍ତୁ ଏବଂ ସରକାରୀ ପାଣ୍ଠିର ସନ୍ଦେହଜନକ ଅପବ୍ୟବହାରରେ ସଂପୃକ୍ତ ଥିବା ଅଧିକାରୀଙ୍କ ଉପରେ ଦାୟିତ୍ୱ ନିର୍ଦ୍ଧାରଣ କରନ୍ତୁ ।***

- ***ଆର୍‌ଏ ବିଲ୍‌ରେ ଅନ୍ତର୍ଭୁକ୍ତ ହୋଇଥିବା ଇନ୍‌ଭଏସ୍ ଗୁଡିକର ସତ୍ୟତା, ଦେୟ ପାଇଁ ଅନୁମୋଦନ କରିବା ପୂର୍ବରୁ ଆଇଟିଡିଏ ଦ୍ୱାରା ଯାଞ୍ଚ କରିବା ଉଚିତ୍ ।***

- ***ଏସ୍‌ଏସ୍‌ଡି ବିଭାଗ ଆଇଟିଡିଏ ମାନଙ୍କୁ ଓପିଡବ୍ଲୁଡି କୋଡ଼ର ବ୍ୟବସ୍ଥା ପାଳନ କରିବାକୁ ନିର୍ଦ୍ଦେଶ ଜାରି କରନ୍ତୁ, ଯାହାଦ୍ୱାରା କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା କେବଳ ପ୍ରକୃତ ଆବଶ୍ୟକ ସ୍ଥଳେ ହିଁ***

*ଗ୍ରହଣ କରାଯିବ, ଏବଂ ମୁଖ୍ୟ ନିୟନ୍ତ୍ରଣ ଭାବରେ କାର୍ଯ୍ୟ କରୁଥିବା ବ୍ୟବସ୍ଥା ଗୁଡିକର ଅନୁପାଳନ ସୁନିଶ୍ଚିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଅନ୍ତୁ ।*

- *ଏସ୍ଏସ୍‌ଡି ବିଭାଗ ଇଣ୍ଡେଣ୍ଟ୍ ପ୍ରସ୍ତୁତ ନ କରି ଆୟ ସୃଷ୍ଟିକାରୀ ଯୋଜନା ଗୁଡିକ ପାଇଁ ଇନ୍‌ପୁଟ୍ ସାମଗ୍ରୀ କିଣିବା ପାଇଁ ଦାୟୀ ଥିବା ସରକାରୀ କର୍ମଚାରୀଙ୍କ ଉପରେ ସମୀକ୍ଷା କରି ଦାୟିତ୍ୱ ନିର୍ଦ୍ଧାରଣ କରନ୍ତୁ ।*

- *ଏସ୍ଏସ୍‌ଡି ବିଭାଗ ସୁନିଶ୍ଚିତ କରନ୍ତୁ ଯେ ଆଇଟିଡିଏମାନେ ଓଜିଏଫ୍ଆର୍‌ର ବ୍ୟବସ୍ଥାକୁ ପାଳନ କରିବେ, ଯାହା ଦ୍ୱାରା ଆୟ ସୃଷ୍ଟିକାରୀ ଯୋଜନାଗୁଡିକ ପାଇଁ ଇନପୁଟ୍ ସାମଗ୍ରୀ କ୍ରୟ ମୀତବ୍ୟୟିତା ଏବଂ ଦକ୍ଷତାର ସହିତ ହୋଇପାରିବ ।*

- *ଏସ୍ଏସ୍‌ଡି ବିଭାଗ, ଆଇଟିଡିଏ ଏବଂ ଆୟ ସୃଷ୍ଟିକାରୀ ଯୋଜନା ଦ୍ୱାରା ସମ୍ପାଦିତ କାର୍ଯ୍ୟର ନିୟମିତ ଯାଞ୍ଚ ଦ୍ୱାରା ଆଇନ୍‌ଗତ ବ୍ୟବସ୍ଥା ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶାବଳୀର ଉଚ୍ଚ ସ୍ତରର ଅନୁପାଳନ ସୁନିଶ୍ଚିତ କରିପାରିବେ ।*

- *ପ୍ରଶାସନିକ ଅନୁମୋଦନ ଠାରୁ ଅଧିକ ସାମଗ୍ରୀ କିଣିବା ଏବଂ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ଯୋଗାଣକାରୀଙ୍କୁ କ୍ରୟ ଆଦେଶ ଦେବା ପାଇଁ ଏସ୍ଏସ୍‌ଡି ବିଭାଗ ଦାୟିତ୍ୱ ନିର୍ଦ୍ଧାରଣ କରି ପ୍ରକଳ୍ପ ପ୍ରଶାସକଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।*

***(ଅନୁଚ୍ଛେଦ 2.1)***

### 1.3.2 ରାଜ୍ୟର ସହରାଞ୍ଚଳରେ ଜଳ ଯୋଗାଣ ବୃଦ୍ଧି (ଅମୃତ ଓ ବସୁଧା)

ରାଜ୍ୟର ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ପାଇଁ, ଓଡ଼ିଶା ସରକାର, ଓଡ଼ିଶା ରାଜ୍ୟ ସହରାଞ୍ଚଳ ଜଳ ଯୋଗାଣ ନୀତି (ଓଏସ୍‌ୟୁଡବ୍ଲ୍ୟୁଏସ୍‌ପି), 2013 ପ୍ରଣୟନ କରିଛନ୍ତି, ଯେଉଁଥିରେ ରାଜ୍ୟର ସହରାଞ୍ଚଳ ନାଗରିକମାନଙ୍କ ପାଇଁ ଯାଞ୍ଚ ଯୋଗ୍ୟ ସେବା ସ୍ତରୀୟ ମାନଦଣ୍ଡ ସହିତ ପାନୀୟ ଜଳର ସାର୍ବଜନୀନ ଉପଲବ୍ଧତା ସୁନିଶ୍ଚିତ ହେବ । ରାଜ୍ୟର ସହରାଞ୍ଚଳ ପାଇଁ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ଦୁଇଟି ଯୋଜନା ଅଧିନରେ କାର୍ଯ୍ୟକାରୀ ହୋଇଥିଲା ଯଥା, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା (ଜୁନ୍ 2015) ଅଟଳ ମିଶନ୍ ଫର୍ ରିଜୁଭେସନ୍ ଆଣ୍ଡ ଅର୍ବାନ୍ ଟ୍ରାନ୍ସଫର୍ମେସନ୍ (ଅମୃତ) ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା (ମାର୍ଚ୍ଚ 2018) ବିଜୁ ଜଗବନ୍ଧୁ ନିଶ୍ଚିତ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମସ୍ତ ଜନବସତିକୁ (ବସୁଧା) ।

ଯୋଜନାର ଉପଯୁକ୍ତତା, ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିବା ଦିଗରେ ଆବଣ୍ଟିତ ପାଣ୍ଠିର ଉପଯୋଗରେ ଦକ୍ଷତା ଆକଳନ କରିବା ଉଦ୍ଦେଶ୍ୟରେ 2018-19 ରୁ 2022-23 ପର୍ଯ୍ୟନ୍ତ ଆର୍ଥିକ ବର୍ଷକୁ ଅନ୍ତର୍ଭୁକ୍ତ କରି "ରାଜ୍ୟର ସହରାଞ୍ଚଳରେ ଜଳ ଯୋଗାଣ ବୃଦ୍ଧି (ଅମୃତ ଓ ବସୁଧା)"ର ଏକ ଅନୁପାଳନ ସମୀକ୍ଷା କରାଯାଇଥିଲା । ଅଡିଟ୍, ଛଅଟି ନମୁନା ଡିଭିଜନ୍‌ରେ 120 ଟି ଜଳ ଯୋଗାଣ କାର୍ଯ୍ୟର ଯାଞ୍ଚ କରିଥିଲା । ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣଗୁଡ଼ିକ ନିମ୍ନଲିଖିତ ଅଟେ:

- 2018-19 ରୁ 2022-23 ମଧ୍ୟରେ ଅମୃତ ଓ ବସୁଧା କାର୍ଯ୍ୟକାରୀ କରିବା ପାଇଁ 3,279.59 କୋଟି ଟଙ୍କା ଉପଲବ୍ଧ ଥିବା ବେଳେ ସେଥିରୁ 2,808.27 କୋଟି ଟଙ୍କା (86 ପ୍ରତିଶତ) ବ୍ୟବହୃତ ହୋଇଛି ।

- ଅମୃତ ଅନୁଦାନରୁ, 48.82 ଲକ୍ଷ ଟଙ୍କା ଅନିୟମିତ ଭାବେ କର୍ମଚାରୀଙ୍କ ପାରିଶ୍ରମିକ, ଗାଡ଼ି କ୍ରୟ ଓ ଗାଡ଼ି ଭଡ଼ା ଶୁଳ୍କ ବାବଦରେ ବ୍ୟବହୃତ ହୋଇଛି ।

- ଓଏସ୍‌ୟୁଡବ୍ଲୁଏସ୍‌ପି, 2013 ରେ ବର୍ତ୍ତମାନର ଜଳ ଶୁଳ୍କର ଅତି କମ୍‌ରେ 90 ପ୍ରତିଶତ ଆଦାୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଛଅଟି ନମୁନା ଡିଭିଜନ୍‌ରେ ଜଳ ଶୁଳ୍କ ଆଦାୟ ହାର 24.79 ରୁ 76.91 ପ୍ରତିଶତ ରହିଥିଲା । ଫଳରେ ମାର୍ଚ୍ଚ 2023 ସୁଦ୍ଧା ଜଳ ଶୁଳ୍କ ବାବଦରେ ବକେୟା 60 କୋଟି ଟଙ୍କା ରହିଥିଲା ।

- 2018-23 ରେ ଛଅଟି ନମୁନା ଡିଭିଜନରେ 236 ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା । ସେଥିମଧ୍ୟରୁ ସେପ୍ଟେମ୍ବର 2023 ସୁଦ୍ଧା, 161 ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ, 23 ଟି ପ୍ରକଳ୍ପର କାର୍ଯ୍ୟ ଚାଲିଥିଲା ଏବଂ ଅନ୍ୟ 52 ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନଥିଲା । ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନରେ ବିଳମ୍ବ, ଜମି ଅଧିଗ୍ରହଣ ସମସ୍ୟା, ନକ୍ସା ଏବଂ କାର୍ଯ୍ୟର ଡିଜାଇନ୍ ଚୂଡ଼ାନ୍ତ କରିବାରେ ବିଳମ୍ବ ଇତ୍ୟାଦି କାମ ଶେଷ ନ ହେବାର କାରଣ ଥିଲା ।
- ଓଏସ୍‌ଯୁଡବ୍ଲ୍ୟୁଏସ୍‌ପି, 2013 ଅନୁଯାୟୀ, 2019 ବର୍ଷ ଶେଷ ସୁଦ୍ଧା, ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ୍, ବିତରଣ ପଏଣ୍ଟ ଏବଂ ଉପଭୋକ୍ତା ନିକଟରେ ଭୌତିକ, ରାସାୟନିକ ଏବଂ ଜୀବାଣୁ ପରୀକ୍ଷା ପାଇଁ ଶତ ପ୍ରତିଶତ ଗୁଣବତ୍ତା ସହିତ ମୁଣ୍ଡ ପିଛା ଦୈନିକ 135 ଲିଟର ଜଳ (ଏଲ୍‌ପିସିଡି) ଯୋଗାଇଦେବାକୁ ଲକ୍ଷ୍ୟଥିଲା । ତେବେ, ଛଅଟି ନମୁନା ଜନସ୍ୱାସ୍ଥ୍ୟ ଡିଭିଜନ ମଧ୍ୟରୁ ଚାରିଟିରେ, ପ୍ରକୃତ ଜଳ ଯୋଗାଣ ପରିମାଣ 47 ରୁ 132 ଏଲ୍‌ପିସିଡି ମଧ୍ୟରେ ରହିଥିଲା । ରାଜ୍ୟସ୍ତରୀୟ ଜଳ ପରୀକ୍ଷାଗାରରେ 2018-23 ମଧ୍ୟରେ 75,600 ପରୀକ୍ଷାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ 53,524 ପରୀକ୍ଷା କରାଯାଇଥିଲା, ଯେଉଁଥିରେ 22,076 ପରୀକ୍ଷା (29 ପ୍ରତିଶତ) ଅଭାବ ରହିଥିଲା । ଏହାବ୍ୟତୀତ, ଛଅଟି ନମୁନା ଡିଭିଜନ୍ ମଧ୍ୟରୁ ତିନିଟିରେ 2023 ସେପ୍ଟେମ୍ବର ସୁଦ୍ଧା ଜଳ ପରୀକ୍ଷଣ ପାଇଁ ପରୀକ୍ଷାଗାର ପ୍ରତିଷ୍ଠା ହୋଇପାରିନାହିଁ ।
- ତିନିଟି ନମୁନା ଡିଭିଜନର 1905 ଟି ସ୍ଥାନ ସମ୍ପର୍କିତ ଜଳ ଗୁଣବତ୍ତା ପରୀକ୍ଷା ରିପୋର୍ଟ ଅନୁଯାୟୀ, ଜଳର ଗୁଣବତ୍ତାର 16 ଟି ବୈଶିଷ୍ଟ୍ୟ ଯଥା, ରଙ୍ଗ, ଗୋଳିଆପଣ, ମୋଟ କଠୋରତା, ମୋଟ କୋଲିଫର୍ମ, ଇ-କୋଲି ଇତ୍ୟାଦି ଗ୍ରହଣୀୟ ସୀମା ବାହାରେ ଥିଲା ।
- 9.79 କୋଟି ଟଙ୍କା ବ୍ୟୟରେ ନିର୍ମିତ ବୁର୍ଲା ସହରକୁ ଜଳ ଯୋଗାଣ ପାଇଁ ନବୀକରଣ କରାଯାଇଥିବା 4.5 ଏମ୍‌ଏଲ୍‌ଡି ଜଳ ବିଶୋଧନାଗାର ପ୍ଲାଣ୍ଟ୍‌ରେ, ପୁରୁଣା ଜଳଭଣ୍ଡାରକୁ ଉଚ୍ଛେଦ କରାଯାଇ ନଥିବାରୁ, ସେଥିରେ ଥିବା କାଦୁଅ ନୂଆ ବିଶୋଧନାଗାରର ବିଶୁଦ୍ଧ ପାଣି ମିଶିଯାଉଥିଲା, ଯାହାଫଳରେ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଥିବା ପାଣି ଖରାପ ହେଉଥିଲା । ଫଳରେ, ନୂତନ ଭାବରେ ସଂସ୍ଥାପିତ ଡବ୍ଲ୍ୟୁଟିପି ଫଳପ୍ରଦ ହୋଇନଥିଲା ।
- ବ୍ରହ୍ମପୁର ୱାଟ୍‌କୋ ଡିଭିଜନ ଅଧିନରେ ଥିବା 26 ଟି ସ୍ଥାନରେ 1.74 କୋଟି ଟଙ୍କା ବ୍ୟୟରେ ଫେବୃଆରୀ 2020 ରେ ସ୍ଥାପନ ହୋଇଥିବା ସୌର ଶକ୍ତି ଚାଳିତ ଜଳ ଯୋଗାଣ ପ୍ରକଳ୍ପ, ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ, ଅଚଳ ହୋଇପଡ଼ିଥିବା ଜଣାପଡ଼ିଥିଲା ।
- ୱାଟ୍‌କୋ 213.08 କୋଟି ଟଙ୍କା ବ୍ୟୟରେ ମିଟରିଂ ପ୍ରକଳ୍ପ ହାତକୁ ନେଇଥିଲା (ଅକ୍ଟୋବର 2020 ରୁ ଜୁଲାଇ 2022 ମଧ୍ୟରେ), ଯାହା ମାର୍ଚ୍ଚ 2023 ରୁ ଜୁଲାଇ 2023 ମଧ୍ୟରେ ସ୍ଥାପନ ହେବାକୁ ଥିଲା । 7,34,528 ଜଳ ମିଟର ସ୍ଥାପନ ହେବାକୁ ଥିବା ବେଳେ, 2023 ଅଗଷ୍ଟ ସୁଦ୍ଧା ମାତ୍ର 5,45,138 (74.22 ପ୍ରତିଶତ) ଜଳ ମିଟର ଯୋଗାଣ ହୋଇଛି, ଯେଉଁଥିରେ ଅଗଷ୍ଟ, 2023 ସୁଦ୍ଧା, ଏକ ରୁ 23 ମାସ ମଧ୍ୟରେ ବିଳମ୍ବ ହୋଇଛି ।
- ପାଞ୍ଚଟି ନମୁନା ବିଭାଗ ଅଧିନରେ ଥିବା 16 ଟି ଜଳ ଯୋଗାଣ କାର୍ଯ୍ୟରେ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ପାଇଁ ଠିକାଦାରଙ୍କ ଉପରେ 11.07 କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରାଯାଇନଥିଲା ଯାହା ଓପିଡବ୍ଲୁଡି କୋଡ଼ର ଭଲ୍ୟୁମ୍-1 ରେ ଅନୁଚ୍ଛେଦ 2.3.1 ଓ ଠିକାଦାରଙ୍କ ସହ ଚୁକ୍ତି ସର୍ତ୍ତର ଧାରା 2(କ) ଉଲ୍ଲଙ୍ଘନ ।

ଏହା ସୁପାରିଶ କରାଯାଏ ଯେ:

- ***ପାଇପ ଜଳଯୋଗାଣ ପ୍ରକଳ୍ପ ଅଧିନରେ ଅନ୍ତର୍ଭୁକ୍ତ ପରିବାରଗୁଡିକର ଡାଟାବେସ୍‌ର ସଠିକତା ସୁନିଶ୍ଚିତ କରିବା ଆବଶ୍ୟକ, କାରଣ ତାହା ଚାଲୁ ରହିଥିବା କାର୍ଯ୍ୟଗୁଡ଼ିକର ତଦାରଖ ପାଇଁ ଆଧାର***

*ଅଟେ । ସମସ୍ତ ପରିବାର ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ୟାପ୍-ଆନାଲିସିସ୍ ଏବଂ ଭବିଷ୍ୟତ ଯୋଜନା କରିବା ଆବଶ୍ୟକ ।*

- *ଅସମ୍ପୂର୍ଣ୍ଣ ଜଳଯୋଗାଣ ପ୍ରକଳ୍ପଗୁଡ଼ିକୁ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ, ଦୈନିକ ଅତିକମ୍‌ରେ ଆଠ ଘଣ୍ଟା ପାଇଁ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଜଳଯୋଗାଣକୁ ସୁନିଶ୍ଚିତ କରାଯାଉ ।*
- *ଉପଭୋକ୍ତାମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ, ଓଡ଼ିଶା ସହରାଞ୍ଚଳ ଜଳ ଗୁଣବତ୍ତା ମନିଟରିଂ ପ୍ରୋଟୋକଲରେ ନିର୍ଦ୍ଧାରିତ ମାନକ ଆଧାରରେ, ଜଳ ପରୀକ୍ଷଣ ପ୍ରୟୋଗଶାଳା ଗୁଡିକୁ ସୁଦୃଢ଼ କରିବା, ଆବଶ୍ୟକ ସଂଖ୍ୟକ ନମୁନା ପରୀକ୍ଷଣ କରିବା ଏବଂ ଉପଭୋକ୍ତାମାନଙ୍କ ପାଖରେ ଜଳ ପରୀକ୍ଷା କରିବା ପାଇଁ ପଦକ୍ଷେପ ନେବା ଉଚିତ୍ ।*
- *ଉପଭୋକ୍ତାଙ୍କ ପାଇଁ ଉନ୍ନତ ଜଳ ଯୋଗାଣ ସେବାର ଲକ୍ଷ୍ୟ ହାସଲ କରିବା ପାଇଁ ଜଳ ଯୋଗାଣ ବ୍ୟବସ୍ଥାର ନବ ନିର୍ମିତ ସୁବିଧାଗୁଡ଼ିକର ଉପଯୁକ୍ତ ଉପଯୋଗ ସୁନିଶ୍ଚିତ କରିବା ସହିତ ଏହାର ପରିଚାଳନା ଏବଂ ରକ୍ଷଣାବେକ୍ଷଣର ବ୍ୟବସ୍ଥା ସୁନିଶ୍ଚିତ କରାଯିବା ଉଚିତ୍ ।*
- *ପାଇପ୍ ଜଳ ଯୋଗାଯାଉଥିବା ସମସ୍ତ ପରିବାରର ଡାଟାବେସ୍ ରକ୍ଷଣାବେକ୍ଷଣ କରାଯିବା ସହ ଯୋଗାଣ ଜଳର ସଠିକ୍ ହିସାବ ପାଇଁ ସେଥିରେ ମିଟର ଲଗାଯିବା ଦରକାର । ସେବାକୁ ସ୍ଥାୟୀ କରିବା ପାଇଁ ଉପଭୋକ୍ତା ଶୁଳ୍କ ସଂଗ୍ରହରେ ଦକ୍ଷତା ସୁନିଶ୍ଚିତ କରାଯାଇପାରେ ।*
- *ଆବଶ୍ୟକତା ଆକଳନ ଆଧାରରେ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ଯୋଜନା ଏବଂ ପ୍ରାଥମିକତା ଦିଆଯିବା ଉଚିତ୍, ଯାହା ସ୍ଥାନୀୟ ଜନସାଧାରଣଙ୍କ ହିତ ପାଇଁ ଅତ୍ୟନ୍ତ ଆବଶ୍ୟକ ସେଭଳି ପ୍ରକଳ୍ପ ଚିହ୍ନଟ କରାଯିବା ଉଚିତ୍ ।*

***(ଅନୁଚ୍ଛେଦ 2.3)***

### 1.3.3 ଓଡ଼ିଶାରେ ବେସରକାରୀ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ପରିଚାଳନା

ଭିନ୍ନକ୍ଷମ ଅଧିକାର ଆଇନ୍ (ଆର୍‌ପିଡ୍‌ବ୍ଲୁଡି) ଅନୁଯାୟୀ, ମାନଦଣ୍ଡରୁ ଅଧିକ ଅକ୍ଷମତା ଥିବା, 6 ରୁ 18 ବର୍ଷ ବୟସର ପ୍ରତ୍ୟେକ ପିଲାଙ୍କୁ ପଡ଼ାଶୀ ବିଦ୍ୟାଳୟ କିମ୍ବା ନିଜ ପସନ୍ଦର ସ୍ୱତନ୍ତ୍ର ବିଦ୍ୟାଳୟରେ ମାଗଣା ଶିକ୍ଷାର ଅଧିକାର ମିଳିବ । ଏହା ବ୍ୟତୀତ, ଶିଶୁ ମାନଙ୍କର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ୍, 2009 ରେ ଭିନ୍ନକ୍ଷମ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା କରାଯାଇଛି । ମାର୍ଚ୍ଚ 2023 ସୁଦ୍ଧା ରାଜ୍ୟରେ 108 ଟି ସ୍ୱତନ୍ତ୍ର ବିଦ୍ୟାଳୟ କାର୍ଯ୍ୟ କରୁଛି । ସେଥିମଧ୍ୟରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ଇପିଡି) ବିଭାଗର ପ୍ରଶାସନିକ ତତ୍ତ୍ୱାବଧାନରେ ଥିବା ବିଭିନ୍ନ ବେସରକାରୀ ଅନୁଷ୍ଠାନ (ଏନ୍‌ଜିଓ) ଦ୍ୱାରା 104 ଟି ସ୍ୱତନ୍ତ୍ର ବିଦ୍ୟାଳୟ ପରିଚାଳିତ ହେଉଛି । ବେସରକାରୀ ଅନୁଷ୍ଠାନଗୁଡ଼ିକ ଆର୍‌ପିଡବ୍ଲ୍ୟୁଡି ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ନିକଟରେ ଉପଯୁକ୍ତ ପଞ୍ଜୀକରଣ ସହିତ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଉକ୍ତ ଆଇନର ବ୍ୟବସ୍ଥା ବ୍ୟତୀତ, ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ମାନ ବଜାୟ ରଖିବା ସଂକ୍ରାନ୍ତରେ ଶିକ୍ଷା ଅଧିକାର ଆଇନ୍ ଓ ରାଜ୍ୟ ସରକାର ଜାରି କରିଥିବା ମାର୍ଗଦର୍ଶିକାକୁ ମଧ୍ୟ ପାଳନ କରିବାକୁ କୁହାଯାଇଛି ।

ବିଦ୍ୟାଳୟଗୁଡ଼ିକର ମାନ ରକ୍ଷଣାବେକ୍ଷଣ ଆକଳନ କରିବା ପାଇଁ, 2018-23 ଅବଧିକୁ ଅନ୍ତର୍ଭୁକ୍ତ କରି, ଆଠଟି ନମୁନାଭୁକ୍ତ ଜିଲ୍ଲାରେ କାର୍ଯ୍ୟ କରୁଥିବା 65 ଟି ସ୍ୱତନ୍ତ୍ର ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରି ଏକ ଅନୁପାଳନ ସମୀକ୍ଷା କରାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣଗୁଡ଼ିକ ନିମ୍ନଲିଖିତ ଅଟେ:

- ନମୁନାଭୁକ୍ତ ଜିଲ୍ଲାଗୁଡ଼ିକରେ 65 ଟି ନମୁନା ବିଦ୍ୟାଳୟ ମଧ୍ୟରୁ 23 ଟି (35 ପ୍ରତିଶତ) ଆର୍‌ପିଡବ୍ଲ୍ୟୁଡି ଅଧିନିୟମ ଅନୁଯାୟୀ ବିନା ପଞ୍ଜୀକରଣରେ ଚାଲିଛି ।

- ଆଠ ରୁ 53 ଟି ନମୁନା ବିଦ୍ୟାଳୟରେ ଶ୍ରେଣୀଗୃହ, ସ୍ୱଚ୍ଛ ଶୌଚାଳୟ, ଆବାସିକ ହଷ୍ଟେଲ, ରାମ୍ପ, ରୋଷେଇ ଘର, ଭୋଜନ ସ୍ଥାନ, ବିଶୁଦ୍ଧ ପାନୀୟ ଜଳ ଇତ୍ୟାଦି ବିଦ୍ୟାଳୟରେ ସର୍ବନିମ୍ନ ମୌଳିକ ସୁବିଧା ଉପଲବ୍ଧ ନଥିଲା ।
- ନମୁନା ହୋଇଥିବା ବିଦ୍ୟାଳୟଗୁଡ଼ିକରେ ଶ୍ରବଣ ଯନ୍ତ୍ର, ବ୍ରେଲୀ ବହି, ବୌଦ୍ଧିକ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ-ଶିକ୍ଷା ଉପକରଣ ଭଳି, ସହାୟକ ଓ ଉପକରଣର ଅଭାବ 30 ରୁ 72 ପ୍ରତିଶତ ରହିଛି ।
- ହଷ୍ଟେଲଗୁଡ଼ିକରେ ଖଟ, ଗଦି, ବିଛଣା ଚଦର, କମ୍ବଳ, ମଶାଦାନୀ ଆଦି ମୌଳିକ ସୁବିଧା ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ନଥିଲା ଏବଂ ଏହି ଅଭାବ ଆଠ ରୁ 43 ପ୍ରତିଶତ ମଧ୍ୟରେ ରହିଥିଲା ।
- ନମୁନା ହୋଇଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ, ଦକ୍ଷତା ବିକାଶ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ଉପଲବ୍ଧତା ଯଥାକ୍ରମେ 36, 53 ଏବଂ 37 ପ୍ରତିଶତ ହ୍ରାସ ପାଇଛି, ଯାହା ନମୁନା ହୋଇଥିବା ବିଦ୍ୟାଳୟଗୁଡ଼ିକରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଅପର୍ଯ୍ୟାପ୍ତ ଶିକ୍ଷାଦାନ ଏବଂ ଯତ୍ନକୁ ସୂଚାଉଛି ।
- ଏସ୍ଏସ୍ଡି ବିଭାଗର ଯାଞ୍ଚ ଓ ତଦାରଖ ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିବାରୁ, ଅପର୍ଯ୍ୟାପ୍ତ କିମ୍ବା ଜରାଜୀର୍ଣ୍ଣ ହଷ୍ଟେଲ୍ କୋଠା, ଶ୍ରେଣୀଗୃହର ଅଭାବ, ସଙ୍କୁଚିତ ରହିବା ସ୍ଥାନ, ଅପରିଷ୍କାର ଶୌଚାଳୟ, ପାନୀୟ ଜଳର ଅଭାବ ଇତ୍ୟାଦି କ୍ଷେତ୍ରରେ ବିଭିନ୍ନ ତ୍ରୁଟି ଦେଖାଦେଇଥିଲା ।

***(ଅନୁଚ୍ଛେଦ 2.5)***

### 1.3.4 ରାଜ୍ୟରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନର କାର୍ଯ୍ୟକାରିତା

2021-22 ଶେଷ ସୁଦ୍ଧା ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକର ମାନରେ ଉନ୍ନତି ଆଣି ଉଚ୍ଚଶିକ୍ଷାରେ ମୋଟ ନାମଲେଖା ଅନୁପାତ 32 ପ୍ରତିଶତ ହାସଲ କରିବା ଲକ୍ଷ୍ୟରେ ଭାରତ ସରକାର ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା) ଆରମ୍ଭ କରିଥିଲେ । ରାଜ୍ୟରେ 158 ଟି ଶିକ୍ଷାନୁଷ୍ଠାନରୁ ରୁସା ଅଧୀନରେ 699.94 କୋଟି ଟଙ୍କା ମିଳିଥିବା ବେଳେ 2023 ମାର୍ଚ୍ଚ ସୁଦ୍ଧା ଏହାର ବ୍ୟବହାର 562.86 କୋଟି ଟଙ୍କା ରହିଛି । ଅଡିଟ୍ ପରୀକ୍ଷାମୂଳକ ଭାବେ 158 ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ 12 ଟି ଶିକ୍ଷାନୁଷ୍ଠାନର 2017-18 ରୁ 2022-23 ସମ୍ପର୍କିତ ରେକର୍ଡ ଯାଞ୍ଚ୍ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣଗୁଡ଼ିକ ନିମ୍ନଲିଖିତ ଅଟେ:

- ରାଜ୍ୟରେ ପ୍ରତିଷ୍ଠା ପାଇଁ ରୁସା ଅଧୀନରେ ମଞ୍ଜୁର ହୋଇଥିବା ଛଅଟି ମଡେଲ୍ ଡିଗ୍ରୀ କଲେଜ (ଏମ୍‌ଡିସି) ମଧ୍ୟରୁ, 32.03 କୋଟି ଟଙ୍କା ବ୍ୟୟରେ ନିର୍ମିତ ପାଞ୍ଚଟି ଏମ୍‌ଡିସି ଅନୁପଯୁକ୍ତ ସ୍ଥାନ ଚୟନ ଯୋଗୁଁ ପରିତ୍ୟକ୍ତ ହୋଇ, ଶେଷରେ ଦକ୍ଷତା ବିକାଶ କେନ୍ଦ୍ର ଭାବେ ବ୍ୟବହୃତ ହୋଇଥିଲା । ଜାତୀୟ ରାଜପଥ ନିର୍ମାଣ ପାଇଁ ଏମ୍‌ଡିସିର ଜାଗା ଅଧିଗ୍ରହଣ କରାଯାଇଥିବାରୁ 8.71 କୋଟି ଟଙ୍କା ବ୍ୟୟରେ ସେମିଳିଗୁଡ଼ାଠାରେ ନିର୍ମିତ ଅନ୍ୟ ଏକ ଏମ୍‌ଡିସି ମଧ୍ୟ ପରିତ୍ୟକ୍ତ ହୋଇଯାଇଥିଲା ।
- ରୁସା ଅଧୀନରେ ବ୍ରହ୍ମପୁର ଠାରେ ଏକ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ, ଉପଯୁକ୍ତ ପ୍ରଶାସନିକ ଢାଞ୍ଚା ନଥିବାରୁ ଲିଡ୍ ଓ ଅଂଶଗ୍ରହଣକାରୀ କଲେଜ ମଧ୍ୟରେ ମତଭେଦ ଯୋଗୁଁ 11.30 କୋଟି ଟଙ୍କା ବ୍ୟୟ ବରାଦ କରିବା ପରେ ଅଧାରୁ ବାତିଲ୍ କରିବାକୁ ପଡ଼ିଥିଲା ।
- ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା କେନ୍ଦ୍ରୀକୃତ ଆଇସିଟି ଲ୍ୟାବ୍ ପ୍ରତିଷ୍ଠା ପାଇଁ ମିଳିଥିବା 4 କୋଟି ଟଙ୍କା ମଧ୍ୟରୁ, 1.83 କୋଟି ଟଙ୍କାରେ 141 ଟି ଡେସ୍କଟପ୍, 88 ଟି ଲ୍ୟାପ୍‌ଟପ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ କିଣିବା ପାଇଁ ବ୍ୟବହୃତ ହୋଇଥିଲା, ଯାହା ଶିକ୍ଷକମାନଙ୍କ ମଧ୍ୟରେ ବଣ୍ଟନ କରାଯିବା ସହ ପ୍ରଶାସନିକ କାର୍ଯ୍ୟରେ ବ୍ୟବହୃତ ହୋଇଥିଲା ।

- ଉତ୍କଳ ବିଶ୍ୱବିଦ୍ୟାଳୟ 5.75 କୋଟି ଟଙ୍କା ବ୍ୟୟରେ ଜୁଲାଇ 2021 ରେ ଚଣ୍ଡିଖୋଲଠାରେ ଗ୍ରାମୀଣ ପ୍ରଯୁକ୍ତି ବିଦ୍ୟା ପାର୍କ ପ୍ରତିଷ୍ଠା କରିଥିଲା । କିନ୍ତୁ, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବାରେ ବିଫଳତା ଯୋଗୁଁ ତାହା ଅଚଳ ହୋଇପଡ଼ିଛି ।

- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ଏହାର କେନ୍ଦ୍ରୀୟ ପାଠାଗାର ପାଇଁ ନଭେମ୍ବର 2016 ରେ 97.15 ଲକ୍ଷ ଟଙ୍କା ବ୍ୟୟରେ 180 ଟି ଡେସ୍କଟପ୍ କମ୍ପ୍ୟୁଟର କିଣିଥିଲା । ତେବେ, 65ଟି ଡେସ୍କଟପ୍ ଏହାର ବିଭିନ୍ନ ଶିକ୍ଷା ବିଭାଗ/ ପ୍ରଶାସନିକ ବିଭାଗକୁ ଜାରି କରାଯାଇଥିବା ବେଳେ ଅବଶିଷ୍ଟ 115 ଟି 2023 ମାର୍ଚ୍ଚ ସୁଦ୍ଧା 6 ବର୍ଷରୁ ଅଧିକ ସମୟ ଧରି ଅଚଳ ହୋଇ ପଡ଼ିରହିଥିଲା ।

**(*ଅନୁଚ୍ଛେଦ 2.6*)**

### 1.3.5 ଅନ୍ୟାନ୍ୟ ଅନୁପାଳନ ଅଡିଟ୍ ପର୍ଯ୍ୟବେକ୍ଷଣ

- ଜୟପୁର/କପିପଦାସ୍ଥିତ ଆଇଟିଡିଏରେ ରବର ବୃକ୍ଷରୋପଣର ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ପାଣ୍ଠିର ସନ୍ଦେହଜନକ ଆତ୍ମସାତ୍‌କରଣ ଯୋଗୁଁ 179.43 ଏକର ଜମିରେ ବୃକ୍ଷରୋପଣ ବିଫଳ ହେଲା, ଫଳରେ ବୃକ୍ଷରୋପଣ ପାଇଁ 1.93 କୋଟି ଟଙ୍କା ଅପବ୍ୟୟ ହୋଇଥିଲା । ଏହା ବ୍ୟତୀତ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ନ କରିବା କାରଣରୁ ରବର ପ୍ରକ୍ରିୟାକରଣ ପାଇଁ 17.71 କୋଟି ଟଙ୍କା ବ୍ୟୟରେ କରାଯାଇଥିବା ଚାରିଟି ବୃକ୍ଷରୋପଣ ସ୍ଥଳରୁ ଅଠା ସଂଗ୍ରହ କରାଯାଇପାରିନଥିଲା, ଯାହା ଦ୍ୱାରା ହିତାଧିକାରୀମାନେ ଆଶା କରିଥିବା ଆୟରୁ ବଞ୍ଚିତ ହୋଇଥିଲେ ।

**(*ଅନୁଚ୍ଛେଦ 2.2*)**

- କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଆବଣ୍ଟିତ ପ୍ଲଟ୍ ସବ୍-ସବ୍-ଲିଜ୍ ପାଇଁ ସମ୍ମତି ପ୍ରଦାନ ଦେବା ବେଳେ, ପ୍ଲଟ୍ ଆବଣ୍ଟନ ସର୍ତ୍ତ ଅନୁଯାୟୀ, ସବ୍ ଲିଜ୍‌ଧାରୀଙ୍କୁ ମିଳୁଥିବା ଲାଭ ରାଶିର 50 ପ୍ରତିଶତ ଜମା କରିବାକୁ ସର୍ତ୍ତ ରଖିନଥିଲେ, ଯାହାଫଳରେ 6.44 କୋଟି ଟଙ୍କା କ୍ଷତି ହୋଇଥିଲା ।

**(*ଅନୁଚ୍ଛେଦ 2.4*)**

- ସୂଚନା ଓ ଲୋକ ସମ୍ପର୍କ ବିଭାଗର ବିଜ୍ଞାପନ ନୀତି, 1998 ରେ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ଯାହା ପୂର୍ବରୁ କେନ୍ଦ୍ର ସରକାରଙ୍କ ବିଜ୍ଞାପନ ଓ ଭିଜୁଆଲ ପବ୍ଲିସିଟି (ଡିଏଭିପି) ନିର୍ଦ୍ଦେଶାଳୟ ଥିଲା) ର ବିଜ୍ଞାପନ ଦର ଗ୍ରହଣ କରିବା ପାଇଁ ବ୍ୟବସ୍ଥା ଥିବା ସତ୍ତ୍ୱେ, ବିଭାଗ ଘରୋଇ ଟେଲିଭିଜନ ଚ୍ୟାନେଲଗୁଡ଼ିକୁ ବୁଝାମଣା ହୋଇଥିବା ଦରରେ ବିଜ୍ଞାପନ ବିଲ୍ ପ୍ରଦାନ କରିଥିଲା, ଯାହା କି ସିବିସି ଦର ଠାରୁ ଅଧିକ ଥିଲା । ନିଜର ନୀତିରୁ ଏଫଳି ବିଭ୍ରାଟ ଯୋଗୁଁ 12.11 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଛି ।

**(*ଅନୁଚ୍ଛେଦ 2.7*)**

- ସୂଚନା ଓ ଲୋକ ସମ୍ପର୍କ ବିଭାଗ, 10 ବର୍ଷ ବିତିଯାଇଥିଲେ ମଧ୍ୟ, ଭୁବନେଶ୍ୱରରେ ବହୁମୁଖୀ ଷ୍ଟୁଡିଓ କୋଠା ନିର୍ମାଣ କରିବାରେ ବିଫଳ ହେବା ସହ ଭବାନୀପାଟଣାରେ, କଳାହାଣ୍ଡି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପାଇଁ ଆଉ ଏକ କୋଠା ନିର୍ମାଣ ଆବଶ୍ୟକତା ନଥିବା ସତ୍ତ୍ୱେ କରିଥିଲେ । ଫଳରେ, ଏହି କୋଠା ନିର୍ମାଣରେ ବିନିଯୋଗ ହୋଇଥିବା 1.40 କୋଟି ଟଙ୍କା ଅଚଳ ହୋଇପଡ଼ିଛି ।

**(*ଅନୁଚ୍ଛେଦ 2.8*)**

- ପଞ୍ଜୀକରଣ କର୍ତ୍ତୃପକ୍ଷ ଧାର୍ଯ୍ୟ ଯୋଗ୍ୟ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ଆକଳନ କରିବା ସମୟରେ ଭାରତୀୟ ଷ୍ଟାମ୍ପ ଅଧିନିୟମ, 1899 ର ବ୍ୟବସ୍ଥାକୁ ସଠିକ୍ ଭାବରେ ପାଳନ କରିନଥିଲେ । ଫଳରେ ସରକାରଙ୍କୁ 83.88 କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଥିଲା ।

**(*ଅନୁଚ୍ଛେଦ 2.9*)**

- ରାଜସ୍ୱ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍‌କୁ ଜମି ଲିଜ୍ ଦେବା ପାଇଁ 1992 ରୁ 1997 ମଧ୍ୟରେ ହୋଇଥିବା ଜମି ଲିଜ୍ ମାମଲା ମାର୍ଚ୍ଚ 2023 ସୁଦ୍ଧା ଚୂଡାନ୍ତ ହୋଇପାରିନଥିଲା । ଫଳରେ, 22.99 କୋଟି ଟଙ୍କାର ସରକାରୀ ରାଜସ୍ୱ ଆଦାୟ ହୋଇପାରି ନଥିଲା ।

***(ଅନୁଚ୍ଛେଦ 2.10)***